# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**9 September - 2025**

# ଉପରାଷ୍ଟ୍ରପତି ନିର୍ବାଚନ

ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଆଜି ଅନୁଷ୍ଠିତ ହେବ । ପୂର୍ବାହ୍ନ ୧୦ଟାରୁ ମତ ଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ । ସନ୍ଧ୍ୟା ୬ଟାରେ ଭୋଟ୍ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ । ଜାତୀୟ ଗଣତାନ୍ତ୍ରିକ ମେଣ୍ଟ-ଏନ୍‌ଡିଏ ପକ୍ଷରୁ ସି.ପି. ରାଧାକ୍ରିଷ୍ଣନ ଏବଂ ଇଣ୍ଡିମେଣ୍ଟରୁ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ପି. ସୁଦର୍ଶନ ରେଡ୍ଡୀ ଉପରାଷ୍ଟ୍ରପତି ପଦ ନିମନ୍ତେ ପ୍ରାର୍ଥୀ ହୋଇଛନ୍ତି । ସଂସଦର ଉଭୟ ସଦନର ସଦସ୍ୟଙ୍କୁ ନେଇ ଗଠିତ ନିର୍ବାଚନ କଲେଜ ଦ୍ୱାରା ଉପରାଷ୍ଟ୍ରପତି ପଦ ପାଇଁ ମତ ଗ୍ରହଣ କରାଯିବ ।

# ଆନ୍ତଃ ମନ୍ତ୍ରିସ୍ତରୀୟ ବୈଠକ

୨୦୨୫-୨୬ ଖରିଫ୍ ଋତୁ ପାଇଁ ଫସଲ କ୍ରୟ ନିମନ୍ତେ ଆନ୍ତଃମନ୍ତ୍ରିସ୍ତରୀୟ କମିଟିର ପ୍ରଥମ ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆନ୍ତଃବିଭାଗ ସମନ୍ୱୟରେ ସ୍ଥାୟୀ ଆଦର୍ଶ ମଣ୍ଡି ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଛି । ନଭେମ୍ବର ମାସରୁ ଖରିଫ୍ ଫସଲ କ୍ରୟ ନିମନ୍ତେ ଯୋଜନା ପ୍ରସ୍ତୁତ ହେଉଥିବା ବୈଠକରୁ ଜଣାପଡ଼ିଛି ।

# ଉପମୁଖ୍ୟମନ୍ତ୍ରୀ-ନିର୍ମାଣ କାର୍ଯ୍ୟ ସମୀକ୍ଷା

ରାଜ୍ୟ ପୂର୍ତ୍ତ ବିଭାଗ ଅଧୀନରେ ପଶ୍ଚିମ ଓଡ଼ିଶାରେ ଜାରି ରହିଥିବା ସଡ଼କପଥ ନିର୍ମାଣ କାର୍ଯ୍ୟର ସ୍ଥିତି ନେଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସମୀକ୍ଷା କରିଛନ୍ତି । ବଲାଙ୍ଗୀର ଓ ସୋନପୁରଠାରେ ଚାଲିଥିବା ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସଂପର୍କରେ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଧାର୍ଯ୍ୟ ସମୟ ସୁଦ୍ଧା ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

# ସାଇବର ଠକେଇ

ରାଜ୍ୟରେ ସାଇବର ଠକେଇକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ୩୪ତମ ରାଜ୍ୟସ୍ତରୀୟ ସମନ୍ୱୟ କମିଟି ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟତାରେ ଅନୁଷ୍ଠିତ ବୈଠକରେ ସାଇବର ଠକେଇର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି । ସାଇବର ଠକେଇ ନେଇ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମର ଆୟୋଜନ ଏବଂ ଠକେଇରେ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

## ମହିଳା ହିଂସା-ପ୍ରଶିକ୍ଷଣ ଶିବିର

ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଅଧିନିୟମ-୨୦୦୫ ଏବଂ ଯୌତୁକ ନିଷେଧ ଅଧିନିୟମ-୧୯୬୧ ସଂପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଏକ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଆଜି ଅନୁଷ୍ଠିତ ହେବ । ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନ୍‌ସନ୍ କେନ୍ଦ୍ରଠାରେ ପୂର୍ବାହ୍ନରେ ହେବାକୁ ଥିବା ବୈଠକରେ ମହିଳାଙ୍କ ସୁରକ୍ଷା ସଂପର୍କିତ ଆଇନ ଗୁଡ଼ିକ ଉପରେ ଆଲୋଚନା ହେବ । ଓଡ଼ିଶା ପୋଲିସ୍ ପକ୍ଷରୁ ମଧ୍ୟ ଭୁବନେଶ୍ୱରସ୍ଥିତ ପୋଲିସ୍ ଭବନଠାରେ ମହିଳାଙ୍କ ସୁରକ୍ଷା ସଂପର୍କିତ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ ।

## ଶିକ୍ଷା-ପଦଯାତ୍ରା

ରାଜ୍ୟରେ ସମସ୍ତେ ପଢ଼ିବେ-ସମସ୍ତେ ବଢ଼ିବେ ଲକ୍ଷ୍ୟ ନେଇ ଆସନ୍ତା ୧୨ରୁ ୧୯ ତାରିଖ ମଧ୍ୟରେ ଆସ ସ୍କୁଲ୍ ଯିବା କାର୍ଯ୍ୟକ୍ରମ ଅଧୀନରେ ପଦଯାତ୍ରା ଆୟୋଜନ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ଅବସରରେ ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ୪୮ ହଜାର ୫୧୪ ସରକାରୀ ବିଦ୍ୟାଳୟ ସ୍ତରରେ ସଚେତନତା ପଦଯାତ୍ରାର ଆୟୋଜନ କରାଯିବ ।

# ଗଣଶିକ୍ଷାମନ୍ତ୍ରୀ

ନବରଙ୍ଗପୁର ଜିଲ୍ଲାରେ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ କରିବା ଉପରେ ଧ୍ୟାନ ଦେବାକୁ  ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା ଅଧିକାରୀଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପରାମର୍ଶ ଦେଇଛନ୍ତି ।  ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଏପ୍ରିଲ୍ ମାସରୁ ଏପର୍ଯ୍ୟନ୍ତ ଜିଲ୍ଲାର ୧ ହଜାର ୪୭୯ ଜଣ ଅଧାରୁ ପାଠପଢ଼ା ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଫେରାଇ ଅଣାଯାଇଛି ।

# ମହାବଳି ଯାତ୍ରା

ସୁବର୍ଣ୍ଣପୁର ଜିଲ୍ଲାରେ ଶାନ୍ତିଶୃଙ୍ଖଳାର ସହ ମହାବଳି ଯାତ୍ରା ସଂପନ୍ନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯାତ୍ରାର ବିଭିନ୍ନ ଦିବସର କାର୍ଯ୍ୟସୂଚୀ, ପୂଜା ବିଧି ତଥା ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରସଙ୍ଗ ନେଇ ବିସ୍ତୃତ ଆଲୋଚନା ହୋଇଛି ।

# ପିତୃପକ୍ଷ

ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥିରେ ଗତକାଲିଠାରୁ ପିତୃପକ୍ଷ ପାଳନ କରାଯାଉଛି । ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଏବଂ ପିଣ୍ଡଦାନ ପାଇଁ ଏହି ପକ୍ଷ ପାଳନ କରାଯାଏ । ଆସନ୍ତା ମହାଳୟା ଅମାବାସ୍ୟା ଦିନ ଏହି ପକ୍ଷ ଉଦ୍‌ଯାପିତ ହେବ । ପ୍ରଥମ ଦିନରେ ଗତକାଲି ପୁରୀର ନରେନ୍ଦ୍ର

ପୁଷ୍କରିଣୀ, ସମୁଦ୍ର କୂଳ, ଶ୍ୱେତଗଙ୍ଗା ଆଦି ସ୍ଥାନରେ ଲୋକମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡିଦାନ କରିଥିଲେ ।

## ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ଖୋର୍ଦ୍ଧା ଜିଲ୍ଲାରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଗତକାଲିଠାରୁ ଆରମ୍ଭ ହୋଇଛି । ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସରଳୀକରଣ କରାଯିବା ସହ କଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ହରିପୁର ଗ୍ରାମପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ସମେତ ଜିଲ୍ଲାସ୍ତରୀୟ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

## ପାଣିପାଗ

ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜିଠାରୁ  ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏ ସଂପର୍କରେ ଅଧିକ ତଥ୍ୟ ଦେଇ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି : **V/O**